# Akashvani, Sambalpur

## SAMBALPURI NEWS EVENING BULLETIN

## 16 September 2025- 7.02 pm- 7.12 pm.

*********************************************

୧- ମଧ୍ୟପ୍ରଦେଶ୍‌ର ଧାର୍ ଜିଲ୍ଲାନୁ ଆଏବା କାଏଲ୍ ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ୍‌ର ଶୁଭାରମ୍ଭ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଆଏବା କାଏଲ ସେବା ପର୍ବ ଅବ୍‌ସରେ ଲଗା ହେବା ୭୫ ଲାଖ୍ ଗଛ୍ ।

- ସୁଭଦ୍ରା ଯୋଜ୍‌ନାର୍ ବଛ୍‌ରେ ପୂର୍ତି ଅବ୍‌ସରେ ସର୍‌କାର୍ ପାଲନ୍ କର୍‌ବେ ଧନ୍ୟବାଦ୍ ମୋଦୀ ଉତ୍ସବ୍ ।

୩- ଆଏବା ଗୁରୁବାର୍ ଠାନୁ ମୁଲ୍ ହେବା ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ - ସର୍‌ଲା ସର୍ବଦଲୀୟ ବୈଠକ୍ ।

ଆଉର୍

୪- ନୂଆପଡ଼ା ନିର୍ବାଚନ୍ ମଣ୍ଡଲୀ ନ ୩ ଶହ ୫୮ କେ ବଢ଼୍‌ଲା ମତଦାନ୍ କେନ୍ଦ୍ର ସଂଖ୍ୟା ।

ସୁସ୍ଥ ନାରୀ - ସଶକ୍ତ ପରିବାର୍ ଅଭିଯାନ ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଧାର୍ ଜିଲ୍ଲା ନ ସୁସ୍ଥ ନାରୀ - ସଶକ୍ତ ପରିବାର୍ ଅଭିଯାନ୍ର ଶୁଭାରମ୍ଭ କର୍ବେ । ଇ ଅଭିଯାନ୍ ଜରିଏ ସାରା ଦେଶେ ଭିନ୍ ଭିନ୍ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ମାନ୍କେ ମହିଳାମାନ୍କର୍ ସ୍ୱାସ୍ଥ୍ୟର୍ ଯାଂଚ୍ କରାଯିବା । ଇ ଅଭିଯାନ୍ ଅକ୍ଟୋବର୍ ୨ ତାରିଖ୍ତକ୍ ଚାଲ୍ବା । ଇ ଅବ୍ସରେ ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍ଫୁ ପୋଷଣ ମାସ ଅଭିଯାନ୍ର ଭିଲ୍ ଶୁଭାରମ୍ଭ କରାଯିବା ।

ଜଙ୍ଗଲ୍ ବିଭାଗ୍ ଗଛ୍ ଲଗା ହି.ସ.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଉଧେ ଆଏବାକାଏଲ୍ ରାଏଜେ ୭୫ ଲାଖ୍ ଗଛ୍ ଜଗାଯିବା । ଜଙ୍ଗଲ୍ ବିଭାଗ୍ ତର୍ଫୁ ସାରା ରାଏଜେ ଭିନ୍ ଭିନ୍ ବିଭାଗ୍ ଜରିଏ ଗଛ୍ ଜଗାଯିବା । ୧୫ ଲାଖ୍ ଗଛ୍ ଜଙ୍ଗଲ୍ ବିଭାଗ୍ର ଅଧୀନ୍ଥି ହଜାରେଟା ଜାଗା ନ ଲଗାଯିବା । ସେନ୍ତା ୩୫ ଲାଖ୍ ଗଛ୍ ରାଜ୍ୟର୍ ସବୁ ପଂଚାୟତ୍ମାନ୍କର୍ ଜରିଏ ଜଗାବାର୍କେ ବଂଟାଯାଇଛେ । କୃଷି ବିଭାଗ୍ ତର୍ଫୁ ୧୩ ଲାଖ୍ କେନ୍ଦ୍ରୀୟ ସୁରକ୍ଷା ବାହିନୀ ତର୍ଫୁ ୨ ଲାଖ୍ ଗଛ୍

ଜଗାଯିବା ବଲି ପିସିସିଏଫ୍ ସୁରେଶ୍ ପନ୍ଥ ସୂଚ୍ନା ଦେଇଛନ୍ ।

ଧନ୍ୟବାଦ୍ ମୋଦୀ କାର୍ଯ୍ୟକ୍ରମ I&PR

ସୁଭଦ୍ରା ଯୋଜ୍ନା ସଫଲତାର୍ ସହେତେ ଆଏବା କାଏଲ୍ ଗୁଟେ ବଛର୍ ପୁରା କର୍ବାର୍କେ ଯାଉଛେ । ଇ ଅବ୍ସରେ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ସାରା ରାଏଜେ ଖାସ୍ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଉଛେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜନାବାର୍ ଲାଗି ସୁଭଦ୍ରାର୍ ବଛର୍ ପୂର୍ତି ଅବ୍ସରେ ରାଜ୍ୟର୍ ୩ ଶହ ୩୮ ଟା ସିଡ଼ିପିଓ ୟୁନିଟ୍ ନ ଧନ୍ୟବାଦ୍ ମୋଦୀ କାର୍ଯ୍ୟକ୍ରମ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

ଅଙ୍ଗନବାଡ଼ି କେନ୍ଦ୍ରସ୍ତର୍ ନ ଆଏବା କାଏଲ୍ଠାନୁ ପୋଷଣ୍ ମାସ୍ ଭିଲ୍ ମୁଲ୍ ହେବାର୍ ସହେତେ ସୁଭଦ୍ରାର୍ ବଛର୍ପୂର୍ତି କାର୍ଯ୍ୟକ୍ରମ୍କେ ମିଲିତ୍ ଭାବେ ପାଲନ୍ କରାଯିବା ।

ଅଙ୍ଗନବାଡ଼ି କେନ୍ଦ୍ର ଉଦ୍ଘାଟିତ୍ I&PR

ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ର ସକ୍ଷମ୍ ଅଙ୍ଗନବାଡ଼ି ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏଜ୍ ଭୁବନେଶ୍ୱର୍ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ର ସମ୍ମିଲନୀ କକ୍ଷ ନ ରାଏଜେ ନୂଆଁକରି ତିଆର୍ ହେଇଥିବା ୯ ଶହ ୧୩ ଟା ଅଙ୍ଗନବାଡ଼ି କେନ୍ଦ୍ରକେ ଆଭାସୀ ଜରିଏ ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କରିକରି ଇ ନୂଆଁ କେନ୍ଦ୍ର ସବୁ ନିଜର୍ କୁଠା ପାଏବାର୍ ସହେତେ ନୂଆଁ ପରିଚୟ ପାଇଛେ ବଲି କହିଛନ୍ । ସୂଚ୍‌ନା ଅନ୍‌ସାରେ ବାଲେଶ୍ୱର୍ ଜିଲ୍ଲା ନ ସବୁନୁ ଅଏତ୍‌କା ୭୭ ଟା ଅଙ୍ଗନବାଡ଼ି କେନ୍ଦ୍ର ସହେତେ ବର୍‌ଗଡ୍ ନ ୪୪ ଟା , ଅନୁଗୁଲ୍ ଜିଲ୍ଲା ନ ୩୫ ଟା, ଭଦ୍ରକ୍ ନ ୩୪ ଟା, ବଲାଙ୍ଗିର୍ ନ ୨୩ ଟା କେନ୍ଦ୍ରର୍ ଉଦ୍‌ଘାଟନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଭିଲ୍ ଉପସ୍ଥିତ୍ ଥିଲେ ।

ସ୍ୱଚ୍ଛତା ହିଁ ସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ୍ ଆଏବା କାଏଲ୍‌ଠାନୁ ସାରା ଦେଶେ ମୁଲ୍ ହେବା । ଇ ଅଭିଯାନ୍ ୧୫ ଦିନ୍‌ତକ୍ ଚାଲ୍‌ବା ଆଉ ଅକ୍ଟୋବର୍ ୨ ତାରିଖ୍ ଦିନ ଶେଷ୍ ହେବା । ଅଭିଯାନ୍‌ର ମୁଖ୍ୟ ଲକ୍ଷ୍ୟ ହେଉଛେ, ସ୍ୱଚ୍ଛତା ଲାଗି ସମ୍ମିଲିତ୍ ଉଦ୍ୟମ୍‌ର ଆବଶ୍ୟକତା ଉପ୍‌ରେ ଲୁକ୍‌କୁ ସଚେତନ୍

କର୍‌ବାର୍ । ଇ ଅବ୍‌ସରେ ଗାଁ ଆଉ ସହର୍ ଇଲାକା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଆଏବା ୨୫ ତାରିଖ୍ ଦିନ ସାରା ଦେଶେ ସ୍ୱେଚ୍ଛାସେବୀ ଶ୍ରମଦାନ୍ 'ଏକ୍ ଦିନ୍- ଏକ୍ ଘଂଟା- ଏକ୍ ସାଥ୍' କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା ।

ସର୍ବଦଲୀୟ ବୈଠକ୍ I&PR

ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଆଘୋନୁ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ବିଧାନ୍‌ସଭା ସମ୍ମିଳନୀ କକ୍ଷ ନ ଆଏଜ୍ ସର୍ବଦଲୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ , ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର୍ ମନ୍ତ୍ରୀ, ଆଇନ୍‌ମନ୍ତ୍ରୀଙ୍କର୍ ସହେତେ ବିରୋଧୀ ଦଲ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍, କଂଗ୍ରେସ୍ ବିଧାୟକ୍ ଦଲ୍ ନେତା ରାମଚନ୍ଦ୍ର କାଡ଼ାମ୍ ପ୍ରମୁଖ ଉପସ୍ଥିତ୍ ଥିଲେ । ଆଏବା ଗୁରୁବାର୍ ଠାନୁ ସପ୍ତଦଶ ବିଧାନ୍‌ସଭାର୍ ୪ ନମ୍ବର୍ ଆଉ ମୌସୁମୀ ଅଧିବେଶନ୍ ମୁଲ୍ ହେବାର୍‌କେ ଥିବାର୍ ବେଲେ ଗୃହକେ ସୁରୁଖୁରୁଥି ଚଲାବାର୍ ଲାଗି ବାଚସ୍ପତି ସୁମା ପାଢ଼ୀ ସବ୍‌କର୍ ସହଯୋଗ୍ ଆଉ ସମର୍ଥନ୍ କାମନା କରିଛନ୍ । ଆଏବା ଗୁରୁବାର୍ ଠାନୁ ୨୫ ତାରିଖ୍‌ତକ୍ ହେବାର୍‌କେ ଥିବା

ମୌସୁମୀ ଅଧିବେଶନ୍‌ଥି ମୋଟ୍ ୭ ଟା କାର୍ଯ୍ୟଦିବସ୍ ରହିଛେ ।

ସେବା ପର୍ବ- ପରିବେଶ୍ ସୁରକ୍ଷା          ଆର୍‌ଏନ୍‌ୟୁ ସମ୍ବଲପୁର

V/O-Seba Parba Opening

'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି କେନ୍ଦ୍ର ସର୍‌କାର୍ ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । କେନ୍ଦ୍ର ସର୍‌କାର୍ ସବୁବେଲେ ପରିବେଶ୍ ସୁରକ୍ଷା ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ବହୁତ୍‌ଟେ ଯୋଜ୍‌ନା ଆନୁଛନ୍ । ସେଥିର୍ ଭିତ୍‌ରୁ ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍ ଗୁଟେ ଐତିହାସିକ୍ ଉପଲବ୍ଧି ଆଏ । ସେବା ପର୍ବର୍ ଇ କଡ଼ିଥି ଆଏଜ୍ ଜାନ୍‌ମା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ୍ ସର୍‌କାର୍‌ଥି ଜଳବାୟୁ ସୁରକ୍ଷା ଦିଗେ ଭାରତ୍ ବିଶ୍ୱ ଗୁରୁ ଭାବେ କେନ୍ତାକରି ନିଜର୍ ବର୍‌କସ୍ ପ୍ରତିବଦ୍ଧତାକେ ଦର୍ଶେଇ ଆସୁଛେ । ଇ ବାବ୍‌ଦେ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଦେଶ୍ ଆଉ ରାଏଜେ ପରିବେଶ୍ ସୁରକ୍ଷାକେ ସବୁବେଲେ ପ୍ରାଧାନ୍ୟ ଦିଆଯାଉଛେ । ଭାରତ୍ ଗୁଟେ ବିକାଶ୍‌ଶୀଲ୍ ରାଷ୍ଟ୍ର ଭାବେ ଆଗ୍‌କେ ବଢ଼୍‌ବାର୍ ସହେତେ ବିଶ୍ୱ ଜଳବାୟୁ ସୁରକ୍ଷା ଦିଗେ ନେତୃତ୍ୱ ନେଇ ଆସୁଛେ । ଗଲା ୧୧ ବଛର୍ ଭିତ୍‌ରେ ଜଙ୍ଗଲ୍ ସଂରକ୍ଷଣ୍ ଠାନୁ ପରିବେଶ୍ ସୁରକ୍ଷା ଦିଗେ ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଇଛନ୍ । ଅଣପାରମ୍ପାରିକ୍ ଶକ୍ତିର୍ ସୁବିନିଯୋଗ୍ କରିକରି ପରିବେଶ୍ ପ୍ରଦୂଷଣ୍‌କେ ଆଏତ୍ କର୍‌ବାର୍ ଦିଗେ ତୃଣମୂଳ ସ୍ତର୍‌ଥି ସଚେତନ୍ କରାଯାଉଛେ । ସୋଲାର୍ ପେନେଲ୍ ଠାନୁ ମୁଲ୍ କରିକରି ସବୁଜ ଶକ୍ତିର୍ ବେଭାର୍ ବଢ଼େଇକରି ଭାରତ୍ ପ୍ରମାଣିତ୍ କରିଛେ ଯେ, ଅଭିବୃଦ୍ଧି ଆଉ ସ୍ଥିରତା ଏକାସାରି ହାସଲ୍ କରାଯାଇପାର୍‌ବା । ପେରିସ୍ ନ ହେଇଥିବା କୋପ୍ ୨୧ ସମ୍ମିଲନୀଥି ଭାରତ୍ ୨୦୩୦ ମସିହାତକ୍ ୪୦ ପ୍ରତିଶତ୍ ସ୍ୱଚ୍ଛ ଶକ୍ତି କ୍ଷମତା ହାସଲ୍ କର୍‌ବାର୍‌କେ ଘୋଷ୍‌ନା କରିଥିଲା । ମାତରକ ୨୦୨୧ ମସିହାଥି ଧାରିଜ୍ ସମିଆର୍ ୯ ବଛର୍ ଆଘୋନୁ ଇ ଲକ୍ଷ୍ୟ ହାସଲ୍ କରାଯାଇକରି ପରିବେଶ୍ ସୁରକ୍ଷା ଦିଗେ ଭାରତ୍ ତାର୍ ଦୃଢ଼ ପ୍ରତିବଦ୍ଧତାକେ ଦର୍ଶେଇଛେ । ଗଲାବଛର୍ ସେପ୍ଟେମ୍ବର୍ ମାସେ ପ୍ରଧାନ୍‌ମନ୍ତ୍ରୀ ଆମେରିକା ଗସ୍ତ ସମିଆଥି ଗୁଟେ ସମ୍ମିଲନୀଥି ଉଦ୍‌ବୋଧନ୍ ଦେଇକରି କହିଥିଲେ । ଭାରତ୍ ନ

*ପୁର୍‌ଥିର୍ ୧୭ ପ୍ରତିଶତ୍ ଜନସଂଖ୍ୟା ରହେସନ୍ । ମାତର୍‌କ ଇତାର୍ ଅଙ୍ଗାରକାମ୍ଳ ନିଗମନ୍ ୪ ପ୍ରତିଶତ୍‌ନୁ ଭିଲ୍ କମ୍ ଆଏ ।*

*(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)*

*ପରିବେଶ୍ ସୁରକ୍ଷା ଆଉ ଇତାର୍ ସଂରକ୍ଷଣ୍‌ଥି ଭାରତ୍ ବିଶ୍ୱ ଜଳବାୟୁ ଆଲୋଚନାଥି ଭାଗ୍ ନେଇକରି ନିଜର୍ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ୍ କର୍‌ବାର୍ ସହେତେ ଆଏବା ପିଢ଼ିର୍ ଲାଗି ଗୁଟେ ସୁସ୍ଥ ଆଉ ସମୃଦ୍ଧ ବାତାବରଣ୍ ସୃଷ୍ଟି କରୁଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପ୍ରଧାନ୍ ।*

*V/O-End Music Seba Praba*

ମତଦାନ୍ କେନ୍ଦ୍ର ବଢ଼୍‌ଲା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ଉପନିର୍ବାଚନ୍‌କେ ନେଇକରି ମୁଖ୍ୟ ନିର୍ବାଚନ୍ କମିଶନର୍ ମତଦାନ୍ କେନ୍ଦ୍ର ମାନ୍‌କର୍ ପୁନଃ ବ୍ୟବସ୍ଥା କରଣ୍ କରିଛନ୍ । ଇଥି ଆହୁରି ୫୬ ଟା ନୂଆଁ ମତଦାନ୍ କେନ୍ଦ୍ର କରିଛନ୍ ।  ଇତାର୍ ସହେତେ ନିର୍ବାଚନ୍ ମଣ୍ଡଲୀ ନ ମତଦାନ୍ କେନ୍ଦ୍ର ସଂଖ୍ୟା ୩ ଶହ ୨ ନୁ ୩ ଶହ ୫୮ କେ ବଢ଼ିଛେ । ପୁନଃବ୍ୟବସ୍ଥା ଉତ୍‌ରୁ ନୂଆପଡ଼ା ସହରାଂଚଲ ନ ୩୬ ଟା ଆଉ ଗ୍ରାମାଂଚଲ୍ ନ ୩ ଶହ ୨୨ ଟା ମତଦାନ୍ କେନ୍ଦ୍ର ରହିଛେ ।

ଜିଲ୍ଲା ପରିଷଦ୍ ବୈଠକ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ପରିଷଦ୍ ସଭାକକ୍ଷ ଠାନେ ଆଏଜ୍ ୯ ନମ୍ବର୍ ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । ବୈଠକ୍ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଜିଲ୍ଲା ପରିଷଦ୍ ସଭାପତି କୁମୁଦିନୀ ନାଏକ୍ଙ୍କର୍ ସହେତେ ଜନପ୍ରତିନିଧି ଆଉ ଅଧିକାରୀମାନେ ଉପସ୍ଥିତ୍ ରହିକରି ଭିନ୍ ଭିନ୍ ଉନ୍ନୟନ୍ମୂଳକ୍ କାମ୍ ବାବ୍ଦେ ଆଲୋଚନା କରିଛନ୍ । ଖାସ୍ କରି ଚାଷୀମାନ୍କୁ ସାର୍ ଯୁଗେଇ ଦେବାର୍ ବାବ୍ଦେ ବୈଠକ୍ଥି ଆଲୋଚନା କରାଯାଇଥିଲା ।

ସମ୍ବଲ୍ପୁର୍- ପାଏନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ସହରେ ପିଇବାର୍ ପାଏନ୍ ଶହେ ପ୍ରତିଶତ୍ ଠିକ୍ ଅଛେ ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍ । ସମ୍ବଲ୍ପୁର୍ ସହରର୍ ପିଇବାର୍ ପାଏନ୍ ଖରାପ୍ ଥିବାର୍ ନେଇକରି ସାମାଜିକ୍ ଗଣମାଧ୍ୟମ୍ଥି ଗୁଟେ ରିପୋର୍ଟ ଭାଇରାଲ୍ ହେବାର୍ ଉତ୍ରୁ ଜିଲ୍ଲାପାଲ୍ କହିଛନ୍, ସେପ୍ଟେମ୍ବର୍ ୩ ତାରିଖ୍ ସ୍ୱାସ୍ଥ୍ୟ ବିଭାଗ୍ର ଏଡିବିଏଚ୍ଓ ଅଣବିଶୋଧିତ୍ ପାଏନ୍ର ଯାଂଚ୍ କରିଥିଲେ । ଇଥି ପାଏନ୍ ଖରାପ୍ ଥିବାର୍ ରିପୋର୍ଟ ଆସିଥିଲା । ତାର୍ ଉତ୍ରୁ ୩ ଟା ବିଭାଗ୍ର ଦଲ୍ ଫେର୍ଘାଏ ସବୁଆଡ଼ର୍ ପାଏନ୍ ଆନିକରି

ଯାଂଚ୍ କରିଥିଲେ । ମାତରକ୍ ସବୁଥି ପାଏନ୍ ଭଲ୍ ଥିବାର୍ ରିପୋର୍ଟ ଆସିଥିଲା । ହେଥିର୍‌ଲାଗି ଖରାପ୍ ପାଏନ୍ ବାବଦ୍ ତଥ୍ୟକେ ଲୁକେ ନାଇଁ ବିଶ୍ୱାସ୍ କର୍‌ବାର୍ ସହେତେ ନାଇଁ ଡର୍‌ବାର୍  ଜିଲ୍ଲାପାଲ୍ ଅନୁରୋଧ୍ କରିଛନ୍ ।

ସୁସ୍ଥ ନାରୀ, ସଶକ୍ତ ପରିବାର୍ ପ୍ରସ୍ତୁତି     ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ସୁସ୍ଥ ନାରୀ, ସଶକ୍ତ ପରିବାର୍ ଅଭିଯାନ୍‌କେ ନେଇକରି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅଭିଯାନ୍ ଆଏବା କାଏଲ୍‌ଠାନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲ୍‌ବା । ଇତାର୍ ଜରିଏ ଜିଲ୍ଲା ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ମହିଳାମାନ୍‌କର୍ ସ୍ୱାସ୍ଥ୍ୟର୍ ଯାଂଚ୍ କରାଯିବା । କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍-ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଏକ୍ ପେଡ୍ ମା କେ ନାମ-ଶୋଭାଯାତ୍ରା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ୍ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲା ଷ୍ଟାଡ଼ିୟମ୍ ପଡ଼ିଆ ଠାନୁ ଗୁଟେ ଶୋଭାଯାତ୍ରା ନଗର୍ ପରିକ୍ରମା କରିଥିଲା । ଶୋଭାଯାତ୍ରାକେ ଅତିରିକ୍ତ ଜିଲ୍ଲାପାଳ୍ ଅନିରୁଦ୍ଧ ପ୍ରଧାନ୍, ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ୍ ବିନୟ କୁମାର୍ ଭୋଇ ପ୍ରମୁଖ୍ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ୩ ଟା ସଚେତନତା ରଥର୍ ଭିଲ୍ ଶୁଭାରମ୍ଭ କରାଯାଇଛେ । ତିନ୍‌ହି ରଥ ଜିଲ୍ଲାର୍ ଗାଁଗହଲ୍‌କେ ଯାଇକରି ଗଛ୍ ଜଗାବାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବା ।

ହବିଷ ବ୍ରତ          ପୁରୀ ସମ୍ବାଦଦାତା

ଇ ବଛର୍ ହବିଷ ବ୍ରତ ଅକ୍ଟୋବର୍ ୭ ତାରିଖ୍‌ନୁ ନଭେମ୍ବର୍ ୫ ତାରିଖତକ୍ ଚାଲ୍‌ବା । ଖାଲି ଅନ୍‌ଲାଇନ୍ ଜରିଏ ପଞ୍ଜିକରଣ୍ କରିଥିବା ହବିଷ୍ୟାଲିମାନେ ଧାରିଜ୍ ହେଇଥିବା ୪ ଟା ରହଣୀ କେନ୍ଦ୍ର ନ ରହିପାର୍‌ବେ । ଅନ୍‌ଲାଇନ୍ ପଞ୍ଜିକରଣ୍ ବିନା ବାକି ଲୁକ୍‌କୁ ହବିଷ୍ୟାଲି କେନ୍ଦ୍ର ନ ରହେବାର୍ ସୁଯୋଗ୍ ନାଇଁମିଲେ ବଲି ପୁରୀ ଜିଲ୍ଲାପାଳ୍ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ । ଇଥିର୍‌ଲାଗି ୧୯ ତାରିଖ୍ ଦିନ ସଖାଲର୍

୧୦ ବଜେନୁ ଅନ୍‌ଲାଇନ୍ ଜରିଏ ନାଁ ପଞ୍ଜିକରଣ୍ କରିପାରବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଆଏବା ୧୯ ତାରିଖ୍‌ତକ୍ ଆଉ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ସାରା ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଜିଲ୍ଲାକେ ବିଜ୍‌ଲି, ଘଡ୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।